# ରାଜନୈତିକ ଦଳମାନଙ୍କର ନିୟନ୍ତ୍ରଣ ପାଇଁ ଆଇନ୍ ଲୋଡା
## (ସମ୍ବିଧାନ-କାର୍ଯ୍ୟକାରିତାର ସମୀକ୍ଷାକାରୀ ଜାତୀୟ କମିଶନ୍‌ଙ୍କ ସୁପାରିଶ୍ ଉପରେ ଏକ ମହାବିତର୍କ ପାଇଁ ଆହ୍ୱାନ)

ଭାରତ ଭଳି ଏକ ପାର୍ଲାମେଣ୍ଟାରୀ ଗଣତନ୍ତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ରାଜନୈତିକ ଦଳମାନେ ଜନଜୀବନରେ ଏକ ଅପରିହାର୍ଯ୍ୟ ଭୂମିକା ସ୍ୱାଧିନତା ପରଠାରୁ ପାଳନ କରି ଆସୁଛନ୍ତି । ସେମାନଙ୍କ ମନୋନୀତ ପ୍ରାର୍ଥୀମାନେ ହିଁ ସାଧାରଣତଃ ନିର୍ବାଚନରେ ଭାଗ ନେଇଥାନ୍ତି ଓ ଜୟଯୁକ୍ତ ପ୍ରାର୍ଥୀମାନଙ୍କୁ ନେଇ ଲୋକସଭା ଓ ବିଧାନସଭା ଭଳି ଆଇନ୍ ପ୍ରଣୟନକାରୀ ସଂସ୍ଥାମାନ ଗଠିତ ହୋଇଥାଏ ଓ ସଂଖ୍ୟାଗରିଷ୍ଠ ଦଳମାନେ ମନ୍ତ୍ରୀମଣ୍ଡଳ ଗଠନ କରି ପ୍ରଶାସନିକ ବ୍ୟବସ୍ଥାକୁ ନେତୃତ୍ୱ ଦେଇଥାନ୍ତି । ସୁତରାଂ ଶାସନର ଦୁଇଟି ମୁଖ୍ୟ ସ୍ତମ୍ଭ, ଯଥା ବିଧାୟିକା ଓ ପ୍ରଶାସନ ରାଜନୈତିକ ଦଳମାନଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିୟନ୍ତ୍ରିତ ଓ ସେହି ନ୍ୟାୟରେ ଦେଶର ସାଧାରଣ ଜନଜୀବନ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରଭାବିତ ଓ ପରିଚାଳିତ । କେବଳ ଏବେ ନୁହେଁ, ପ୍ରାକ୍-ସ୍ୱାଧିନତା ଯୁଗରେ ମଧ୍ୟ ରାଜନୈତିକ ଦଳମାନେ ସମାଜ ଓ ଜନଜୀବନ ଉପରେ ସେମାନଙ୍କର ବ୍ୟାପକ ପ୍ରଭାବ ବିସ୍ତାର କରିଥିଲେ । ସର୍ବୋପରି ସାଂପ୍ରତିକ ସମ୍ବିଧାନର ମୂଳ ରୂପରେଖ ପ୍ରସ୍ତୁତ କରିଥିବା ୧୯୪୬-୪୯ ର ସମ୍ବିଧାନସଭାର ଅଧିକାଂଶ ସଭ୍ୟ ବିଭିନ୍ନ ରାଜନୈତିକ ଦଳର ହିଁ ପ୍ରତିନିଧି ଥିଲେ ।

### ନିର୍ବାଚନ କମିଶନ୍‌ର ସୀମାବଦ୍ଧତା

କିନ୍ତୁ ଏକ ବିଡମ୍ବନାର ବିଷୟ, ଲୋକଙ୍କ ଭାଗ୍ୟକୁ ଅହୋରାତ୍ର ନିୟନ୍ତ୍ରଣ କରୁଥିବା ରାଜନୈତିକ ଦଳମାନଙ୍କର ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ ଆମ ଦେଶରେ କୌଣସି ଏକ ସାମଗ୍ରୀକ ଆଇନ୍ ନାହିଁ । ଏପରିକି ଆମ ସଂବିଧାନର ମୂଳଗଣ୍ଠି ମଧ୍ୟରେ ଦଳ ବା ପାର୍ଟି ଶବ୍ଦର କୌଣସି ପ୍ରତ୍ୟକ୍ଷ ସୂଚନା ମିଳିବ ନାହିଁ । କେବଳ ୧୯୮୫ରେ ଗୃହୀତ ୫୨ତମ ସଂବିଧାନ ସଂଶୋଧନ ପରେ ସଂବିଧାନରେ ଦଳବଦଳ ନିରୋଧ ଉଦ୍ଦେଶ୍ୟରେ ଦଶମ ଅନୁସୂଚୀ (Tenth Schedule) ଯୋଡାଗଲା, ଯାହାକି କେବଳ ଗୋଟିଏ ମାତ୍ର ଦୃଷ୍ଟିରୁ ରାଜନୈତିକ ଦଳମାନଙ୍କ ଆଚରଣକୁ ପ୍ରଭାବିତ କଲା; ତାହା ପୁଣି ବହୁ ସୀମାବଦ୍ଧତା ମଧ୍ୟରେ । ଏହାଛଡା ୧୯୫୧ରୁ ପ୍ରଚଳିତ ଥିବା ଲୋକ ପ୍ରତିନିଧିତ୍ୱ ଆଇନ୍ (Representation of People Act 1951) ମୂଳତଃ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ଦଳମାନଙ୍କର ପଞ୍ଜୀକରଣ ଓ ନିର୍ବାଚନରେ ସେମାନଙ୍କର ଅଂଶଗ୍ରହଣ ପ୍ରକ୍ରିୟାକୁ ବିଧିମତେ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ । ଏହି ଆଇନ୍‌ର ଧାରା ୨୯କ ଅନୁଯାୟୀ ଧର୍ମ ନିରପେକ୍ଷତା, ସମାଜବାଦ, ଗଣତନ୍ତ୍ର ତଥା ସଂବିଧାନ ପ୍ରତି ନିଜର ଦଳୀୟ ସଂବିଧାନରେ ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଦଳମାନଙ୍କୁ ନିର୍ବାଚନ କମିଶନ ପଞ୍ଜୀକରଣ କରିବେ ।

କିନ୍ତୁ ସଂବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନଙ୍କ (National Commission to Review the Working of the Constitution) ମତରେ "How ever, the sanctity of the provision is diluted by the fact that the parties who do not subscribe to secularism, socialism and democracy would be denied registration but they can contest election. Also the Election Commission has held that a political party duly registered under the R.P. Act 1951 cannot be de-registered by the Commission on the allegation that the party had violated the law." (Vol 2, Book-1, A Consultation Paper on Review of the Working of Political Parties specially in relation to Election and Reform Options-NCRWC March 2002)

ଅର୍ଥାତ୍ ଯେଉଁ ଦଳମାନେ ଉପରୋକ୍ତ ମତେ ଅଙ୍ଗୀକାର କରିବେନି, ସେମାନଙ୍କୁ କମିଶନ୍ ପଞ୍ଜୀକରଣ କରିବେ ନାହିଁ, କିନ୍ତୁ ସେମାନେ ନିର୍ବାଚନ ଲଢିପାରିବେ । ପୁଣି ଗୋଟିଏ ପଞ୍ଜିକୃତ ଦଳ ଉପରୋକ୍ତ ଅଙ୍ଗୀକାରକୁ ଲଂଘନ କରୁଛି ବୋଲି ଯଦି ଅଭିଯୋଗ ହୁଏ, ତେବେ ମଧ୍ୟ ନିର୍ବାଚନ କମିଶନ୍ ସେହି ଦଳର ପଞ୍ଜୀକରଣକୁ ପ୍ରତ୍ୟାହାର କରି ପାରିବେ ନାହିଁ ।

### ଦଳମାନଙ୍କ ଆଚରଣର ସର୍ବାତ୍ମକ ଅଧୋଗତି

ସାମ୍ବିଧାନିକ ଓ ଆଇନଗତ ଅଙ୍କୁଶ ଅଭାବରୁ ତଥା କ୍ଷମତାଲିପ୍ସୁ ରାଜନେତାଙ୍କ ସ୍ୱାର୍ଥାନ୍ୱେଷୀ ଆଚରଣ ଯୋଗୁଁ ସ୍ୱାଧିନୋତ୍ତର କାଳରେ ଦେଶର ପ୍ରାୟ ସମସ୍ତ ରାଜନୈତିକ ଦଳମାନଙ୍କର ଚାରିତ୍ରିକ ଓ ନୈତିକ ଅଧପତନ ଅବିରାମ ଗତିରେ ଘଟି ଚାଲିଛି, ଯାହାକି ବିଧାୟିକା, ନ୍ୟାୟ ପାଳିକା ତଥା ପ୍ରଶାସନକୁ ସଂକ୍ରମିତହେବା ସହିତ ବ୍ୟାପକ ଜନଜୀବନକୁ ମଧ୍ୟ ସାଥେସାଥେ ଆକ୍ରାନ୍ତ କରିବାରେ ଲାଗିଛି । ଜତୀୟ କମିଶନଙ୍କ ମତରେ, There are 552 political parties in the country at the last count. But there is no comprehensive law regulating their functions and operations which are crucial to the welfare of the nation and indeed, to the very survival of the democratic spirit and tradition………Political parties that run and control democratic governments themselves need to be arranged on transparent systems as to their organisation, funding, accounts and audit, There is increasing criminalisation of politics and of the electoral process. If remedies are not found and implemented speedily there might remain very little of value to salvage. (Volume 1 Chapter 2: Basic Approach and Perspective of NCRWC March 2002) ଅର୍ଥାତ୍ ଦେଶରେ ବର୍ତ୍ତମାନ ୫୫୨ ଟି ରାଜନୈତିକ ଦଳ ଥିବାବେଳେ, ସେମାନଙ୍କର କାରବାରକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ସାମଗ୍ରୀକ ଆଇନ୍ ନାହିଁ, ଯାହାକି ଦେଶର କଲ୍ୟାଣ

ତଥା ଏପରିକି ଗଣତାନ୍ତ୍ରିକ ଭାବଧାରା ଓ ପରମ୍ପରା ବଜାୟ ରଖିବା ପାଇଁ ନିହାତି ଜରୁରୀ । ଗଣତାନ୍ତ୍ରିକ ସରକାର ଗୁଡିକୁ ଚଳାଉଥିବା ଏହି ରାଜନୈତିକ ଦଳମାନେ ନିଜର ସଂଗଠନ, ପାଣ୍ଠି ସଂଗ୍ରହ, ହିସାବ ଓ ତହିଁର ତଦାରଖ ବ୍ୟାପାରରେ ନିଜକୁ ସ୍ୱଚ୍ଛ କରି ଗଢିତୋଳିବା ଆବଶ୍ୟକ । ରାଜନୀତି ଓ ନିର୍ବାଚନୀ ପ୍ରକ୍ରିୟାର ଅପରାଧୀକରଣ ଯେମିତି ବଢିବଢି ଚାଲିଛି, ଅତିଦ୍ରୁତ ଏସବୁର ପ୍ରତିକାର କରାନଗଲେ, ଦେଶର ଅବସ୍ଥା ଅସମ୍ଭାଳ ହୋଇ ପଡିବ ।

**ପ୍ରସ୍ତାବିତ ଆଇନରେ ବିଧିବ୍ୟବସ୍ଥା**

ଏହି ପରିପ୍ରେକ୍ଷିରେ ସଂବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ ସୁପାରିଶ୍ କରିଛନ୍ତି ଯେ, ରାଜନୈତିକ ଦଳ ସମୁହର ନିୟନ୍ତ୍ରଣ ଆଇନ୍ (Political Parties Regulation Act) ନାମରେ ଏକ ସାମଗ୍ରୀକ ଆଇନ୍ ପ୍ରଣୟନ କରାଯାଉ । ପ୍ରଥମତଃ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ କମିଶନ୍ ଦଳମାନଙ୍କୁ ନିର୍ବାଚନୀ ସଙ୍କେତ ଆବଣ୍ଟନର ସୀମିତ ଉଦ୍ଦେଶ୍ୟରୁ ସେମାନଙ୍କୁ ସ୍ୱୀକୃତ ଓ ପଞ୍ଜୀକରଣ କରୁଛନ୍ତି । କିନ୍ତୁ ପ୍ରସ୍ତାବିତ ଆଇନ୍ ଗୋଟିଏ ଦଳର ପ୍ରତିଷ୍ଠା ପାଇଁ ଆବଶ୍ୟକ ସର୍ତ୍ତାବଳୀ ନିର୍ଦ୍ଧାରଣ କରିବା ସହିତ ଏହାର ପ୍ରତିଷ୍ଠା ପରବର୍ତ୍ତୀ ଆଚରଣକୁ ନିୟନ୍ତ୍ରଣ କରିପାରୁଥିବ ତଥା ଉଦ୍ଦିଷ୍ଟ ଆଚରଣ ବିଧିର ଲଂଘନ କାରଣରୁ ଗୋଟିଏ ଦଳର ସ୍ୱୀକୃତି ଓ ପଞ୍ଜୀକରଣକୁ ରଦ୍ଦ କରିପାରିବ । ଦ୍ୱିତୀୟତଃ ପ୍ରତି ରାଜନୈତିକ ଦଳ ଆଭ୍ୟନ୍ତରୀଣ ଗଣତନ୍ତ୍ର ଦ୍ୱାରା ପରିଚାଳିତ ହେବେ ଓ ଅନ୍ତତଃ ପ୍ରତି ତିନି ବର୍ଷରେ ଥରେ ଦଳର ସବୁସ୍ତରରେ ନିର୍ବାଚନ କରାଇବେ । ତୃତୀୟତଃ ପ୍ରତି ଦଳ ନିଜ ପାଣ୍ଠିର ଆୟ ଓ ବ୍ୟୟର ନିୟମିତ ଓ ଶୃଙ୍ଖଳିତ ହିସାବ ଏକ ନିର୍ଦ୍ଧାରିତ ଫର୍ମରେ ଲେଖି ରଖିବେ, ଯାହାକି ଏହି ଅଇନ୍ ବଳରେ ପ୍ରତିଷ୍ଠିତ ଏକ ସ୍ୱତନ୍ତ୍ର ଓ ନିରପେକ୍ଷ ଅଡିଟ୍ ସଂସ୍ଥା ଦ୍ୱାରା ଯାଞ୍ଚ୍ କରାଯିବ ଓ ତାହାକୁ ଭିତ୍ତି କରି ଦଳୀୟ ପାଣ୍ଠିର ଉତ୍ସ୍ ଓ ସ୍ଥିତି ସଂବନ୍ଧରେ ସବିଶେଷ ବିବରଣୀ ପ୍ରକାଶ ପାଇବ । ଏହି ବିବରଣୀ ସର୍ବ ସାଧାରଣଙ୍କ ଅନୁଧ୍ୟାନ ତଥା ନିରୀକ୍ଷଣ ପାଇଁ ମୁକ୍ତ ରହିବ । ଚତୁର୍ଥତଃ ମନୋନୟନ ପତ୍ର ଦାଖଲ ସମୟରେ ଜଣେ ଦଳୀୟ ପ୍ରାର୍ଥୀ ତାଙ୍କର ସଂପତ୍ତି ତାଲିକା ଘୋଷଣା କରିବେ । ପଞ୍ଚମତଃ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଲୋକମାନଙ୍କୁ କୌଣସି ପ୍ରକାର ହଇରାଣରେ ନ ପକାଇ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ଜରିଆରେ ଶସ୍ତା ଓ ସହଜରେ ନିଜର ଦଳୀୟ ବାର୍ତ୍ତା ପ୍ରସାରଣ କରିବାର ସୁଯୋଗ ଦେଖା ଯାଇଥିବାରୁ ବଡବଡ ପଟୁଆର, ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ ଆଦି ବ୍ୟୟବହୁଳ କାର୍ଯ୍ୟକ୍ରମର ଆୟୋଜନ ଉପରେ ନିୟନ୍ତ୍ରଣ ଜାରି କରାଯିବ । ଏହା ଫଳରେ ନିର୍ବାଚନ ସମୟରେ ଭୋଟରମାନଙ୍କ ପିଛା ବିଭିନ୍ନ ଅସାଧୁ ଅର୍ଥ ବ୍ୟୟ କରିବାର ଜଞ୍ଜାଳରୁ ଦଳମାନେ ରକ୍ଷା ପାଇପାରିବେ । ମାଲୟେସିଆରେ ଏ ପ୍ରକାର ନିଷେଧାଦେଶ କାର୍ଯ୍ୟକାରୀ ହୋଇସାରିଲାଣି । ଏପରି ପଦକ୍ଷେପ ଫଳରେ ଯେଉଁ ଅର୍ଥ ବଞ୍ଚିବ, ତଦ୍ୱାରା ଘରଘର ବୁଲି ଭୋଟରମାନଙ୍କ ସହିତ ଯୋହସୂତ୍ର କରିବା ତଥା ଦଳର କର୍ମୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଭଳି ଅଧିକ ଫଳପ୍ରଦ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରିବ । ଷଷ୍ଠତଃ ପ୍ରତି ଦଳ ଭିତରେ ସମସ୍ତ ପଦପଦବୀ ମଧ୍ୟରୁ ଶତକଡା ୩୦ଭାଗ ମହିଳା ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ରହିବା ସହିତ ନିର୍ବାଚନରେ ଦଳ ତରଫରୁ ଦିଆଯାଉଥିବା ମୋଟ ଟିକେଟ୍ ମଧ୍ୟରୁ ଅନ୍ୟୁନ ଶତକଡା ୩୦ଭାଗ ମହିଳାମାନଙ୍କୁ ଦିଆଯିବ । ଜାତୀୟ କମିଶନଙ୍କ ମତରେ ଯେଉଁ ଦଳଗୁଡିକ ଯଥାବିଧି ନିର୍ବାଚନ କମିଶନଙ୍କ ପାଖରେ ପଞ୍ଜୀକୃତ ହୋଇଥିବେ, କେବଳ ସେମାନଙ୍କୁ ହିଁ ନିର୍ବାଚନରେ ଭାଗ ନେବାକୁ ଅନୁମତି ମିଳିବ ।

**ଏକ ଜାତୀୟ ବିତର୍କର ଆବଶ୍ୟକତା**

ସୁପ୍ରିମ୍ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଶ୍ରୀଯିକ୍ତ ଏମ୍.ଏନ୍. ଭେଙ୍କଟଚାଲିଆଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଂବିଧାନ କାର୍ଯ୍ୟକାରିତାର ସମୀକ୍ଷାକାରୀ ଜାତୀୟ କମିଶନ ଦଳୀୟ ବ୍ୟବସ୍ଥାର ସଂସ୍କାର ସମେତ ଦେଶ ଶାସନର ବହୁ ଦିଗକୁ ବ୍ୟାପ୍ତ କରି ତାଙ୍କର ୧୮୦୦ରୁ ଅଧିକ ପୃଷ୍ଠାବ୍ୟାପୀ ରିପୋର୍ଟ ଗତ ୩୧ମାର୍ଚ୍ଚ, ୨୦୦୨ରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାଖଲ କରିଥିଲେହେଁ ଏହା ସଂବନ୍ଧରେ ଏକ ଅସ୍ୱାଭାବିକ୍ ନୀରବତା ରାଜନୈତିକ ଦଳଙ୍କ ସମେତ ସବୁ ମହଲରେ ଲକ୍ଷ୍ୟ କରାଯାଉଛି ।

ଏହି ପରିପ୍ରେକ୍ଷିରେ କେବଳ ନ୍ୟସ୍ତସ୍ୱାର୍ଥ ରହିତ, ସଦାଜାଗ୍ରତ ଗଣମାଧ୍ୟମର ସତ୍ୟାନୁସନ୍ଧାନୀ ତଥ୍ୟବାହକମାନେ ହିଁ ଚାହିଁଲେ ଏକ ଯଥାର୍ଥ ଜାତୀୟ ବିତର୍କର ଝଡ ବୁହାଇ ପାରିବେ । ଅନ୍ୟାଥା ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ, ଦେଶର ବିଭିନ୍ନ କ୍ଷେତ୍ରର ବହୁ ଧୁରୀଣ ବିଶେଷଜ୍ଞଙ୍କ ଦୀର୍ଘ ୨ବର୍ଷର ନିରନ୍ତର ପରିଶ୍ରମ ଫଳରେ ପ୍ରସ୍ତୁତ ହୋଇଥିବା ଏହି ଅଭୁତପୂର୍ବ ଦସ୍ତାବିଜ୍ ଅତୀତର ବହୁ କମିଶନଙ୍କ ରିପୋର୍ଟ ଭଳି ଇତିହାସର ଅଲୋଡା ଅଳିଆ ଗଦା ଭିତରକୁ ଆପେ ଆପେ ଠେଲି ହୋଇଯିବ, ଏଥିରେ ସନ୍ଦେହ ନାହିଁ ।

ଚିତ୍ତ ବେହେରା, ୪-ଏ,ଜୁବିଲି ଟାୱାର, ଚୌଧୁରୀ ବଜାର, କଟକ-୯ , ଫୋନ୍- 0671- 2623518